COURT OF THE TAHASILDAR * RENGALI *

# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

Misc. Case No..05..../2024

## ସର୍ବସାଧାରଣ ନୋଟିସ

ନୋଟିସ ନଂ: 315 ତାରିଖ:- 05/09/2024

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା-ଖଡିଆପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡ୍‌କୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡ଼ିଶା), ଶିଳ୍ପ ପ୍ରତିଷ୍ଠା ଏବଂ ସମ୍ବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ୍ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ଜମି "ବାହାଲ ସାଧାରଣ, ଓ ବାହାଲ ପାଣି-୨ " କିସମ ରେକର୍ଡ ଥିବାରୁ ଉକ୍ତ ଜମିର କିସମ "ପତିତ" କୁ ପରିବର୍ତ୍ତନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଅଛି।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ, ତାହାହେଲେ, ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/-କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ଦରଖାସ୍ତ ଦାଖଲ କରିପାରିବେ । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତପସିଲ ଭୁକ୍ତ ଜମି

| ମୌଜା | ଖାତା ନଂ | ପ୍ଲଟ ନଂ | ଆବେଦନ ରକବା ଏ. | ରେକର୍ଡ ଅନୁଯାୟୀ କିସମ | ପ୍ରସ୍ତାବିତ କିସମ |
|---|---|---|---|---|---|
| ଖଡିଆପାଲି | ୨୧୩ (ଆ.ଯୋ.ଅ.) | ୧୩୭୬ | ୦.୧୬ | ବା. ସା. | ପତିତ |
| | | ୯୬୫/୧୮୧୦/୧୮୨୨ | ୦.୮୪ | ବା। ପା. ୨ | ପତିତ |

05-9-24

ତହସିଲଦାର, ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା ....316........ ତା: ..05/09/2024

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରି କରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ, ଲପଙ୍ଗାଙ୍କ କାର୍ଯ୍ୟାଳୟ/ ଗ୍ରାମ ପଞ୍ଚାୟତ, ଲପଙ୍ଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରଚାର ନିମନ୍ତେ ନିମନ୍ତେ ପ୍ରେରଣ କରାଗଲା ।

05-9-24

ତହସିଲଦାର, ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା ....317....... ତା: ....05/09/2024

ଏହାର ଏକକିତା ନକଲ District e-Governance Manager (DeGM), Sambalpur ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ଖବରକାଗଜରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

05-9-24

ତହସିଲଦାର, ରେଙ୍ଗାଲି
TAHASILDAR, RENGALI

# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା - ସମ୍ବଲପୁର

COURT OF THE TAHASILDAR * RENGALI *

Misc. Case No......01........... / 2024

## ସର୍ବସାଧାରଣ ନୋଟିସ

ନୋଟିସ ନଂ. 55

ତାରିଖ: 03/02/24

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା ଝାଡିଆପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମି କୁ ଇଡକୋ କର୍ତ୍ତୃପକ୍ଷ ଭୁବନେଶ୍ୱର (ଓଡିଶା), ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମିର କିସମ ମା.ସା, ବା.ସା, ଏବଂ ବେ.ସା ଏବଂ ବେଆଇନ ଦଖଲ ନୋଟ ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତ୍ତନ ଓ ବେଆଇନ ଦଖଲ ବାଦ ଦେବା ଆବଶ୍ୟକ ପଡୁଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ଆବେଦନ ରକବା (ଏକର) | କିସମ | ମନ୍ତବ୍ୟ |
|---|---|---|---|---|---|
| ଝାଡିଆପାଲି | ୨୧୩ (ଆବାଦ ଯୋଗ୍ୟ ଅନାବାଦୀ) | ୧୫ | ୦.୪୬୦ | ମା.ସା | ସାବକ କିସମ ଗୋଚର, ବେଆଇନ ଦଖଲ ଲକ୍ଷ୍ମଣ ସାହୁ, ସନ୍ତୋଷ ସାହୁ ପି:ମଧୁସୂଦନ ସାହୁ ଜାତି:କୁଲତା, ବାସସ୍ଥାନ:ହିରମା, ଥା:ଝାରସୁଗୁଡା |
| | | ୧୭ | ୦.୧୭୦ | ବେ.ସା | ସାବକ କିସମ ଗୋଚର, ବେଆଇନ ଦଖଲ ଆତ୍ମାରାମ ଗଣ୍ଡା, ପି:ଗୁରୁଟୁ ଗଣ୍ଡା, ଜଂମେଜଳ ଗଣ୍ଡା ପି:ଉପେନ୍ଦ୍ର ଗଣ୍ଡା, ଅନନ୍ତ ଗଣ୍ଡା, ପି:ଗୋପାଳ ଗଣ୍ଡା, ଫୁଲମତୀ ଗଣ୍ଡା ସ୍ୱା:ଗୋପାଳ ଗଣ୍ଡା ଜାତି:ଗଣ୍ଡା, ବାସସ୍ଥାନ:ନିବର୍ଗି |
| | | ୨୧ | ୦.୧୫୦ | ବା.ସା | ସାବକ କିସମ ଗୋଚର, ବେଆଇନ ଦଖଲ ଆତ୍ମାରାମ ଗଣ୍ଡା, ପି:ଗୁରୁଟୁ ଗଣ୍ଡା, ଜଂମେଜଳ ଗଣ୍ଡା ପି:ଉପେନ୍ଦ୍ର ଗଣ୍ଡା, ଅନନ୍ତ ଗଣ୍ଡା, ପି:ଗୋପାଳ ଗଣ୍ଡା, ଫୁଲମତୀ ଗଣ୍ଡା ସ୍ୱା:ଗୋପାଳ ଗଣ୍ଡା ଜାତି:ଗଣ୍ଡା, ବାସସ୍ଥାନ:ନିବର୍ଗି |
| | | ୨୪ | ୦.୧୨୦ | ମା.ସା | ସାବକ କିସମ ଗୋଚର, ବେଆଇନ ଦଖଲ ଶିବନାରାୟଣ ପଣ୍ଡା ପି:ବୃନ୍ଦାବନ ପଣ୍ଡା, ଜାତି:ବ୍ରାହ୍ମଣ ବାସସ୍ଥାନ: ଡେରବା |
| | | ୨୫ | ୦.୫୪୦ | ବେ.ସା | ସାବକ କିସମ ଗୋଚର, ବେଆଇନ ଦଖଲ ଶିବନାରାୟଣ ପଣ୍ଡା ପି:ବୃନ୍ଦାବନ ପଣ୍ଡା, ଜାତି:ବ୍ରାହ୍ମଣ ବାସସ୍ଥାନ: ଡେରବା |

ତହସିଲଦାର, ରେଙ୍ଗାଲି

TAHASILDAR, RENGALI

ଜ୍ଞାପକ ସଂଖ୍ୟା ......56........ ତା: ....03/02/24

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ **ଲପଙ୍ଗା** ଙ୍କ କାର୍ଯ୍ୟାଳୟ/ଗ୍ରାମ ପଞ୍ଚାୟତ **ଲପଙ୍ଗା** ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା।।

ତହସିଲଦାର ରେଙ୍ଗାଲି
TAHASILDAR,
RENGALI

ଜ୍ଞାପକ ସଂଖ୍ୟା ......57........ ତା: ....03/02/24

ଏହାର ଏକ କିତା ନକଲ **ଜିଲ୍ଲା ସୁଚନା** ଅଧିକାରୀ (DIO NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର ରେଙ୍ଗାଲି
TAHASILDAR,
RENGALI

# ତହସିଲ କାର୍ଯ୍ୟାଳୟ ରେଙ୍ଗାଲି, ଜିଲ୍ଲା - ସମ୍ବଲପୁର

COURT OF THE TAHASILDAR * RENGALI

De-reservation Case No...01/2024

## ସର୍ବସାଧାରଣ ନୋଟିସ

ନୋଟିସ ନଂ: 52 ତାରିଖ: 03/02/24

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୌଜା ଖଡିଆପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଇଡକୋ କର୍ତ୍ତୃପକ୍ଷ, ଭୁବନେଶ୍ୱର (ଓଡିଶା) ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ଜମି ପ୍ଲଟ ନଂ. ୧୬ "ପତିତ" କିସମ ଥାଇ ଏହାର ମନ୍ତବ୍ୟ ଖାନାରେ "ଓଡ଼ିଶା ଜବାନ ମାନଙ୍କ ପାଇଁ ସଂରକ୍ଷିତ" ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀ ଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ତାହା ଅଣ ସଂରକ୍ଷିତ କରିବା ଓ ମନ୍ତବ୍ୟ ଖାନା ଖାରଜ କରିବା ସକାଶେ ପ୍ରସ୍ତାବ ଗ୍ରହଣ କରାଯାଇଅଛି ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ, ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର) ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କର କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ.୨୦/-କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ଦରଖାସ୍ତ ଦାଖଲ କରିପାରିବେ । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

**ତଫସିଲ ଭୁକ୍ତ ଜମି**

| ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଖଡିଆପାଲି | ୨୧୩ (ଆବାଦ ଯୋଗ୍ୟ ଅନାବାଦୀ) | ୧୬ | ଏ. ୯.୪୦୦ | ପତିତ | ଓଡ଼ିଶା ଜବାନ ମାନଙ୍କ ପାଇଁ ସଂରକ୍ଷିତ |

ତହସିଲଦାର ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା ....53.... ତା: ....03/02/24....

ଏହାର ଏକ କିତା ନକଲ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ଓ ରାଜସ୍ୱ ନିରୀକ୍ଷକ, ଲପଙ୍ଗା ଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ, ଲପଙ୍ଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ରେଙ୍ଗାଲି
TAHASILDAR, RENGALI

ଜ୍ଞାପକ ସଂଖ୍ୟା ....54.... ତା: ....03/02/24....

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଅଧିକାରୀ (DIO NIC, Sambalpur) ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ଜିଲ୍ଲା କାର୍ଯ୍ୟାଳୟ ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ କରାଗଲା ।

ତହସିଲଦାର ରେଙ୍ଗାଲି
TAHASILDAR, RENGALI